**NEW LINK TO MEDIA # 8J**

**WPC PIL 14046/2022 FILED IN HON’BLE HIGH COURT OF ORISSA IN THE MATTER OF DAMAGE TO THE ENVIRONMENT AND CLIMATE CHANGE BY CUTTING AGE OLD TREES FOR MLA COLONY IN BHUBANESWAR**

**ARGUS 01 06 2022 MLA COLONY TREE CUTTING**

## ଗଛ କାଟିବା ତୁରନ୍ତ ବନ୍ଦ କରିବାକୁ ହାଇକୋର୍ଟରେ ମାମଲା

**by Rakesh Kumar Barik**
**Odisha| Wed, Jun 01 | 3:24 p.m.**
**Share story**




ଅର୍ଗସ ବ୍ୟୁରୋ : MLA ମାନଙ୍କ କ୍ୱାର୍ଟର୍ସ ପାଇଁ ଶତାଧିକ ଗଛ କାଟିବା ପ୍ରସଙ୍ଗ । ଗଛ କାଟିବା ତୁରନ୍ତ ବନ୍ଦ କରିବାକୁ ହାଇକୋର୍ଟରେ ମାମଲା । ଯେତିକି ଗଛ କଟାଯାଇଛି ତା'ର କ୍ଷତିପୂରଣ ଦେବାକୁ ନିବେଦନ କରାଯାଇଛି । ସମାଜସେବୀ ଜୟନ୍ତୀ ଦାସଙ୍କ ପକ୍ଷରୁ ମାମଲା ଦାୟର ରୁଜୁ କରାଯାଇଛି । ଏହି ମାମଲାରେ ରାଜ୍ୟ ସରକାର, DFOଙ୍କ ସମେତ ୧୦ ଜଣ ମାମଲାରେ ପକ୍ଷଭୁକ୍ତ କରାଯାଇଥିବା ସୂଚନା ମିଳିଛି ।

ରାଜଧାନୀରେ ତାତି ବଢୁଥିବାବେଳେ ଏଭଳି ଗଛକଟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରିବେଶବିତ । ଗଛକାଟିବା ପୂର୍ବରୁ ବିକଳ୍ପ ବ୍ୟବସ୍ଥା କଥା କାହିଁକି ଚିନ୍ତା କଲେନି ସରକାର ? ଗଛକୁ ନ କାଟି କୋଠା ନିର୍ମାଣ ପାଇଁ କାହିଁକି ବିକଳ୍ପ ସ୍ଥାନ ବାଛିଲେନି ସରକାର ? ବିକଳ୍ପ ବ୍ୟବସ୍ଥା ନ କରି ବେଧଡକ ଗଛ କଟାଯାଉଥିବାରୁ ନାପସନ୍ଦ କରିଛନ୍ତି ପରିବେଶବିତ୍ । ରାଜଧାନୀରେ ତାତି ବଢୁଥିବାରୁ ଗଛର ଆବଶ୍ୟକତା ରହିଛି । ଏଭଳି ସମୟରେ ବିକାଶ ନାଁ ରେ ରାଜ୍ୟ ସରକାର ବିନାଶ କରୁଥିବା ଅଭିଯୋଗ କରିଛନ୍ତି ସ୍ୱେଚ୍ଛାସେବୀ ।

ବିଧାୟକଙ୍କ ବହୁତଳ ପ୍ରାସାଦ ପାଇଁ ହେଉଛି ଗଛକଟା । ଯାହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ । ପ୍ରଶ୍ନ ଉଠୁଛି, ପ୍ରକଳ୍ପ ପୂର୍ବରୁ ଗଛକଟା ନେଇ ଜାଣିନଥିଲେ କି ସରକାର ? କାହିଁକି ବଳି ପଡିଲା ଶତାଧିକ ଗଛ ? ବିକଳ୍ପ ବ୍ୟବସ୍ଥା ବାଛିବେ କି ରାଜ୍ୟ ସରକାର ?